# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 5 June – 2024

# ନିର୍ବାଚନ –୧

ଅଷ୍ଟାଦଶ ଲୋକସଭା ଓ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇଛି । ଓଡ଼ିଶାରେ ୧୪୭ଟି ଆସନ ମଧ୍ୟରୁ ବିଜେପି ୭୮ଟି ଆସନରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଛି । ବିଜେଡ଼ିକୁ ୫୧ଟି ଆସନ ମିଳିଥିବା ବେଳେ କଂଗ୍ରେସ ୧୪, ସ୍ୱାଧୀନ ପ୍ରାର୍ଥୀ ୩ ଓ ସିପିଏମ୍ ଗୋଟିଏ ଆସନରେ ବିଜୟ ଲାଭ କରିଛି । ସେହିଭଳି ରାଜ୍ୟରେ ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୨୦ଟି ଆସନରେ ଜିତିଥିବା ବେଳେ କଂଗ୍ରେସ ଗୋଟିଏ ଆସନରେ ଜିତିପାରିଛି ।

ଓଡ଼ିଶାରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଉତ୍ତମ ପ୍ରଶାସନ ଓ ଓଡ଼ିଶାର ଅଭିନବ ସଂସ୍କୃତି ପାଇଁ ଏହା ଏକ ଐତିହାସିକ ବିଜୟ । ଓଡ଼ିଶାବାସୀଙ୍କ ସ୍ୱପ୍ନକୁ ପୂରଣ କରିବା ଓ ରାଜ୍ୟର ପ୍ରଗତିକୁ ନୂତନ ଶିଖରକୁ ନେବା ଲାଗି ସବୁପ୍ରକାର ଉଦ୍ୟମ କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

ସମ୍ବଲପୁର ଲୋକସଭା ଆସନରୁ ବିଜୟଲାଭ କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଓଡ଼ିଶାରେ ଏକ ନୂଆ ଇତିହାସ ଲେଖାଯାଇଛି ।

ଏହି ବିଜୟ କେବଳ ବିଜେପିର ନୁହେଁ, ବରଂ ସାଢ଼େ ଚାରିକୋଟି ଓଡ଼ିଆଙ୍କର ବିଜୟ । ଶ୍ରୀ ପ୍ରଧାନ ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ଏକ ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ି ତୋଳିବା ପାଇଁ ରାଷ୍ଟ୍ରୀୟ ନେତୃତ୍ୱ ସହ ରାଜ୍ୟ ନେତୃତ୍ୱଗଣଙ୍କୁ ଅନୁରୋଧ କରିଛନ୍ତି ।  ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ  ବିଜେଡ଼ିର ସମସ୍ତ କର୍ମୀ, ନେତାଙ୍କର ନିଷ୍ଠାପର ଉଦ୍ୟମ ଓ ତ୍ୟାଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

---

# ନିର୍ବାଚନ -୨

ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ. ୨୯୨ଟି ଆସନ ହାସଲ କରିଥିବା ବେଳେ ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜେ.ଡି.ୟୁ. ୧୨ଟି ଆସନ ଅକ୍ତିଆର କରିଛି । ସେହିଭଳି କଂଗ୍ରେସ ଏକାକୀ ୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ସିଟ୍ ହାସଲ କରିଛି ।

ବିଜୟ ଲାଭ କରିଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣାସୀ ଆସନରୁ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗାନ୍ଧିନଗର ଆସନରୁ, ଓମ୍ ବିର୍ଲା କୋଟାରୁ, ଅର୍ଜୁନ ରାମ ମେଘୱାଲ୍ ବିକାନେର୍, ଯୋଧପୁରରୁ ଗଜେନ୍ଦ୍ର ସିଂହ ଶେଖାୱତ୍ ।

# ନିଟ୍

ମେଡ଼ିକାଲ ପଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ନିଟ୍ ପକ୍ଷରୁ ଟପର ତାଲିକା ପ୍ରକାଶ କରାଯାଇ ନଥିଲେ ମଧ୍ୟ ୬୭ ଜଣ ଛାତ୍ରଛାତ୍ରୀ ୯୯ ଦଶମିକ ୯/୯ ପର୍ସେଣ୍ଟାଇଲ୍ ସ୍କୋର୍ ହାସଲ କରି ୧ନମ୍ବର ସ୍ଥାନରେ ରହିଛନ୍ତି । ଚଳିତବର୍ଷ ଦେଶ ତଥା ଦେଶ ବାହାରେ  ମୋଟ୍ ୫୫୭ଟି ସହରରେ ହୋଇଥିବା ୪ ହଜାର ୭୫୦ଟି କେନ୍ଦ୍ରରେ ୨୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାଲାଗି ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୯୬ ଦଶମିକ ୯/୪ ପ୍ରତିଶତ ପରୀକ୍ଷା ଦେଇଥିଲେ । ଯୋଗ୍ୟ ଛାତ୍ରଛାତ୍ରୀ ପରୀକ୍ଷା ଫଳ ସଂପର୍କିତ ଅଧିକ ତଥ୍ୟ ପାଇଁ **www.mcc.nic.in** ରୁ ଜାଣିପାରିବେ ।

---

# ଅଂଶୁଘାତ ମୃତ୍ୟୁ

ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି ପାଇଛି । ଏ ସଂପର୍କରେ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହିଛନ୍ତି ମୋଟ୍ ୧୪୯ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୩୪ଟି ଅଂଶୁଘାତଜନିତ

ମୃତ୍ୟୁ ହୋଇଥିଲା । ସେହିଭଳି ୨୪ ଜଣଙ୍କର ମୃତ୍ୟୁ ଅନ୍ୟ କାରଣରୁ ହୋଇଥିବା ଜିଲ୍ଲାପାଳମାନେ ସ୍ପଷ୍ଟ କରିଛନ୍ତି ।

## ବନକଲାଗି

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଆଜି ସନ୍ଧ୍ୟା ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସଂପନ୍ନ ହେବା ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ ।

## ରଥ ନିର୍ମାଣ

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଗତକାଲି ରଥଖଳାରେ ଭୋଇ ସେବକମାନେ ଦଣ୍ଡାକାଠ ଗୁଡ଼ିକର ସାଇତା କାର୍ଯ୍ୟ ଶେଷ କରିଛନ୍ତି । ସେହିଭଳି ତିନିରଥର ୨୧ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରଥଖଳା ପାର୍ଶ୍ୱରେ ନିର୍ମିତ ଏକ ସ୍ୱତନ୍ତ୍ର ଚାଳିରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ, ଗୟଳ ଚଉପଟ ପାଇଁ ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି ।

# ପରିବେଶ ଦିବସ

ଆଜି ବିଶ୍ୱ ପରିବେଶ ଦିବସ । ୧୯୭୪ ମସିହା ଜୁନ୍ ୫ ତାରିଖରୁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇ ଆସୁଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଭୂମିର ପୁନରୁଦ୍ଧାର, ମରୁଭୂମିକରଣ ଓ ମରୁଡ଼ିର ପ୍ରତିରୋଧ' । ପରିବେଶ ପ୍ରତି ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ମନେପକେଇବା ଏବଂ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶାରେ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଛି । ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆଜି ପାଇଁ ବୌଦ୍ଧ,, କନ୍ଧମାଳ, ନୂଆପଡା, ବଲାଙ୍ଗିର, ସୁବର୍ଣ୍ଣପୁର ଓ ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

..............................................................